### ବ୍ରିଟିସ କାଉନସିଲ୍ ଓ ଆଇଆଇଟି ଭୁବନେଶ୍ୱରରେ ରାଉଣ୍ଡ ଟେବୁଲ୍ ବୈଠକ

# ଅଧିକ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ୟୁକେରେ ପଢ଼ିବା ସୁଯୋଗ ମିଳିବ

## ବର୍ଷକୁ ମାତ୍ର ୩୦ ଓଡ଼ିଆ ଛାତ୍ର ଯାଉଛନ୍ତି

ଭୁବନେଶ୍ୱର,୯/୩(ଇମିସ): ଭୁବନେଶ୍ୱର ପୂର୍ବ ଭାରତର ଶିକ୍ଷା ହବ୍ ପାଲଟିଛି। କିନ୍ତୁ ଏଠାରେ ଉଚ୍ଚଶିକ୍ଷାର ମାନ ଅନ୍ତର୍ଜାତୀୟସ୍ତରର ହୋଇପାରିନି। ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କୁ ଯେପରି ଗୁଣାତ୍ମକ ଇଂରାଜୀ ଶିକ୍ଷା ମିଳିବ ଏବଂ ଉଚ୍ଚଶିକ୍ଷା ହାସଲ କରିବା ସହଜ ହେବ ସେଥିପାଇଁ ବ୍ରିଟିସ୍ କାଉନସିଲ୍ ସହଯୋଗ କରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ଆରମ୍ଭ ହୋଇଥିବାବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ବ୍ରିଟିସ କାଉନସିଲ୍‌ର ପୂର୍ବ ଭାରତ ନିର୍ଦ୍ଦେଶକ ଦେବାଞ୍ଜନ ଚକ୍ରବର୍ତ୍ତୀ କହିଛନ୍ତି।

ଭୁବନେଶ୍ୱରରେ ଗୁଣାତ୍ମକ ଉଚ୍ଚଶିକ୍ଷା ପ୍ରଦାନ କରିବା ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଯେପରି ୟୁକେ ପଢ଼ିବାକୁ ଯିବେ ସେଥିପାଇଁ ବ୍ରିଟିସ୍ କାଉନସିଲ୍ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ରାଉଣ୍ଡ ଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଆର୍.ଭି ରାଜକୁମାର, ବ୍ରିଟିସ କାଉନସିଲର ପୂର୍ବ ଭାରତ ନିର୍ଦ୍ଦେଶକ ଦେବାଞ୍ଜନ ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ମାର୍ଟ ସିଟି ଭୁବନେଶ୍ୱରର ଅଧିକାରୀମାନେ ଉପସ୍ଥିତ ଥିଲେ।

ଶ୍ରୀ ଚକ୍ରବର୍ତ୍ତୀଙ୍କ ସୂଚନା ଅନୁଯାୟୀ, ଏବେ ଭୁବନେଶ୍ୱରରୁ ବର୍ଷକୁ ପ୍ରାୟ ୩୦ଜଣ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ୟୁକେ ଯାଉଛନ୍ତି। ଯାହା ଅନ୍ୟ ଦେଶଗୁଡ଼ିକ ତୁଳନାରେ କମ୍। ତେଣୁ ଅଧିକରୁ ଅଧିକ ଓଡ଼ିଆ ଛାତ୍ରଛାତ୍ରୀ ଯେପରି ୟୁକେ ଯିବେ ସେଥିପାଇଁ ଆମେ ଗ୍ରେଟ୍ ସ୍କଲାରସିପ୍ ଆରମ୍ଭ କରିବୁ। ଏଥିରେ ୧୯୮ ଜଣଙ୍କୁ ସ୍କଲାରସିପ୍ ମିଳିବ। ମିଲିଅନ୍ ପାଉଣ୍ଡ୍



ଅର୍ଥ ସୁବିଧା ଯୋଗାଇ ଦିଆଯିବ। ସେହିପରି ନିଉଟନ୍ ଭାବା କାର୍ଯ୍ୟକ୍ରମରେ ଅଧ୍ୟାପକ ଆଦାନପ୍ରଦାନ କାର୍ଯ୍ୟକ୍ରମ ହେବ। ଏଥିରେ ଯେକୌଣସି ସ୍କୁଲ କିମ୍ବା ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ୟୁକେ ଯାଇପାରିବେ। ସେମାନଙ୍କୁ ଇଂରାଜୀ ଶିକ୍ଷା ଉପରେ ତାଲିମ୍ ଦିଆଯିବ।

ଶ୍ରୀ ଚକ୍ରବର୍ତ୍ତୀଙ୍କ ସୂଚନା ଅନୁଯାୟୀ, ସ୍ମାର୍ଟ ସିଟିରେ କିପରି ଗୁଣାତ୍ମକ ଉଚ୍ଚଶିକ୍ଷା ମିଳିବ ଏବଂ ଏଥିରେ ବ୍ରିଟିସ୍ କାଉନସିଲ୍ ଭାଗୀଦାର ହୋଇପାରିବ ସେଥିପାଇଁ ସିଟି ଇନସାଇଟ୍ ସର୍ଭେ ହୋଇଥିଲା। ଏଥିରେ ୬ଟି ସ୍ମାର୍ଟ ସିଟି ଯଥା ଭୁବନେଶ୍ୱର, ଅହମଦାବାଦ୍, ବାଙ୍ଗାଲୋର, ଚଣ୍ଡୀଗଡ଼, ହାଇଦ୍ରାବାଦ, ପୁଣେ ଆଦି ସହରର ସର୍ଭେ ହୋଇଥିଲା। କିପରି କେଉଁ ସହରରେ ବିକାଶ ହେବା ଦରକାର ସେନେଇ ମତାମତ ଦିଆଯାଇଛି।

## ବିଏସ୍‌ସିଏଲ୍‌ରେ ଖୋଲିବ ଇନଭେଷ୍ଟ ଭୁବନେଶ୍ୱର

ସ୍ମାର୍ଟ ସିଟି ଭୁବନେଶ୍ୱରରେ ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଅଧିକ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଉଛି। କିପରି ଅଧିକରୁ ଅଧିକ ଉଦ୍ୟୋଗୀ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରିବେ ସେଥିପାଇଁ ସ୍ମାର୍ଟ ସିଟିର ଇନଷ୍ଟିଚ୍ୟୁସନାଲ୍ କୋର୍ ଅଞ୍ଚଳରେ ଭିତ୍ତିଭୂମି ଯୋଗାଇ ଦିଆଯିବ। ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ପାଇଁ ବିଏସ୍‌ସିଏଲ୍‌ରେ ଇନଭେଷ୍ଟ ଭୁବନେଶ୍ୱର ସେଲ୍ ଖୋଲାଯିବ ବୋଲି ବିଏମ୍‌ସିର ଡେପୁଟି କମିସନର ଶ୍ରୀମନ୍ତ ମିଶ୍ର ଏହି ରାଉଣ୍ଡ ଟେବୁଲ୍ ବୈଠକରେ ଯୋଗଦେଇ କହିଛନ୍ତି। ଏଠାରେ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ଅନ୍ତର୍ଜାତୀୟ ସାର୍ଟିଫିକେଟ ପ୍ରାପ୍ତ ପାଠ୍ୟକ୍ରମର ଶିକ୍ଷାଦାନ ବ୍ୟବସ୍ଥା କରାଯିବ। ଭୁବନେଶ୍ୱର ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଓ ତାଲିମ ଦିଆଯିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆମର ଲକ୍ଷ୍ୟ ଅଛି ଶ୍ରୀ ମିଶ୍ର କହିଥିଲେ।